# ଗୁରୁଚରଣ ସିଂହ

## ବନାମ

## ରେଜିଷ୍ଟ୍ରାର, ସମବାୟ ସମିତି, ହିମାଚଳ ପ୍ରଦେଶ ଏବଂ ଅନ୍ୟମାନେ

## ସେପ୍ଟେମ୍ବର 15, 2005

## [ଅରିଜିତ ପଶାୟତ ଏବଂ ସି. କେ. ଠାକ୍କର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 12 ଏବଂ 226 - ରାଜ୍ୟ - ସମବାୟ ସମିତି - ତାହାର କର୍ମଚାରୀ - ତାଙ୍କର ସେବା ସମାପ୍ତି - ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କରାଯାଇଥିବା ଆଜ୍ଞାଦେଶ ପିଟିସନରେ ଆପତ୍ତି କରାଯାଇଛି - ଉଚ୍ଚ ନ୍ୟାୟାଳୟଙ୍କ ବିଚାରରେ ସମବାୟ ସମିତି ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ ରାଜ୍ୟ ହୋଇନଥିବାରୁ ଆଜ୍ଞାଦେଶ ପିଟିସନକୁ କ୍ଷେତ୍ରାଧିକାର ଅଭାବ ହେତୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ କରାଯାଇଥିଲା - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ଏହା ଜଣାପଡୁଛି ଯେ ମୌଳିକ ତଥ୍ୟଗତ ଦିଗଗୁଡ଼ିକୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ପ୍ରଶ୍ନର ନିର୍ଦ୍ଧାରଣ କରିବାକୁ ରଖାଯାଇ ନଥିଲା ଯେ ଉତ୍ତରଦାତା-ସମିତି ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ ରାଜ୍ୟ ଥିଲା କି ନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ଏହା ଉଚିତ ହେବ ଯେ ଏହା* **ପ୍ରଦୀପ କୁମାରଙ୍କ ମାମଲାରେ*** *ଯାହା କୁହାଯାଇଛି ତାହାର ପୃଷ୍ଠଭୂମିରେ ଅନୁରକ୍ଷଣୀୟତା ସମ୍ବନ୍ଧୀୟ ପ୍ରଶ୍ନର ଯାଞ୍ଚ କରିବେ - ଆଜ୍ଞାଦେଶ ପିଟିସନକୁ ନଥିକୁ ପୁନଃସ୍ଥାପିତ କରାଯାଇଛି - ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରକ୍ଷଣୀୟତା ସହିତ ଗୁଣବତ୍ତାର ବିଷୟ ଉପରେ ନିର୍ଣ୍ଣୟ ନେବାକୁ ହେବ ।*

**ପ୍ରଦୀପ କୁମାର ବିଶ୍ୱାସ ବନାମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ବାୟୋଲୋଜି ଏବଂ ଅନ୍ୟମାନେ,* [2002] 5 SCC 111 ମାମଲାଟିକୁ ଅନୁସରଣ କରାଯାଇଛି ।

*ସଭାଜିତ ତିୱାରୀ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1975] 1 SCC 485 ମାମଲାଟିକୁ ଅଗ୍ରାହ୍ୟ କରାଯାଇଛି ।

*ଅଜୟ ହାସିଆ ଏବଂ ଅନ୍ୟମାନେ ବନାମ ଖାଲିଦ ମୁଜୀବ ସେହରାୱାର୍ଦୀ ଏବଂ ଅନ୍ୟମାନେ,* [1981] 1 SCC 722 ମାମଲାଟିକୁ ଉଲ୍ଲେଖ କରାଯାଇଛି ।

ଗୁରୁଚରଣ ସିଂହ ବନାମ ରେଜିଷ୍ଟ୍ରାର, ସମବାୟ ସମିତି, ହିମାଚଳ ପ୍ରଦେଶ

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3499/2005 ।

ଦେୱାନୀ ସମୀକ୍ଷା ସଂଖ୍ୟା 9/1998 ରେ ଶିମଳାସ୍ଥିତ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 12.10.1998 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଡ. ଶ୍ୟାମଲାଃ ପପ୍ପୁ, ଆର୍. କ୍ରିଷ୍ଣାମୂର୍ତ୍ତି ଏବଂ ମୋହନ ପାଣ୍ଡେ ।

ଉତ୍ତରଦାତାମାନଙ୍କ ତରଫରୁ ନରେଶ କେ. ଶର୍ମା ଏବଂ ଜାଭେଦ୍ ମେହମୁଦ୍ ରାଓ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଦେୱାନୀ ସମୀକ୍ଷା ସଂଖ୍ୟା 9/1988 ରେ ଶିମଳାସ୍ଥିତ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ବର୍ତ୍ତମାନର ଆବେଦନ ନିର୍ଦ୍ଦେଶିତ ହୋଇଛି । ଦେୱାନୀ ଆଜ୍ଞାଦେଶ ପିଟିସନ ସଂଖ୍ୟା 1844/1995 ରେ ପାରିତ ହୋଇଥିବା ପୂର୍ବ ଆଦେଶକୁ ଆକ୍ଷେପିତ ଆଦେଶ ଦ୍ୱାରା ପ୍ରତ୍ୟାହାର କରାଯାଇଥିଲା ଏବଂ ଏହା ନିର୍ଣ୍ଣୟ କରାଯାଇଥିଲା ଯେ ଏହି ଆଜ୍ଞାଦେଶ ପିଟିସନକୁ ଗ୍ରହଣ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ପାଖେ କୌଣସି କ୍ଷେତ୍ରାଧିକାର ନଥିଲା । ଏହି ମତକୁ ମୁଖ୍ୟତଃ ଏହି ଆଧାରରେ ଗ୍ରହଣ କରାଯାଇଥିଲା ଯେ ଉତ୍ତରଦାତା ଏକ ସମବାୟ ସମିତି ଥିଲା ଏବଂ ସେଥିପାଇଁ, ଏହା ଭାରତର ସମ୍ବିଧାନ, 1950 (ସଂକ୍ଷେପରେ, 'ସମ୍ବିଧାନ') ର ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ ଅନ୍ତର୍ଭୁକ୍ତ ନଥିଲା । ଏହି ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ଦୁଇଟି ରାୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା ଯେଉଁଥିରେ କୁହାଯାଇଥିଲା ଯେ ଆଜ୍ଞାଦେଶ ପିଟିସନକୁ ଗ୍ରହଣ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ କୌଣସି କ୍ଷେତ୍ରାଧିକାର ନଥିଲା । ଉପରେ ଉଲ୍ଲେଖ କରାଯାଇଥିବା ପରି, ସମୀକ୍ଷାକୁ ଅନୁମତି ଦିଆଯାଇଥିଲା ଏବଂ ଆଜ୍ଞାଦେଶ ପିଟିସନକୁ ଅନୁରକ୍ଷଣୀୟ ନୁହେଁ ବୋଲି ବିବେଚନା କରି ଖାରଜ କରାଯାଇଥିଲା । ମାମଲାର ଯୋଗ୍ୟତା ଉପରେ କୌଣସି ମତାମତ ପ୍ରକାଶ କରାଯାଇନଥିଲା ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲ *ପ୍ରଦୀପ କୁମାର ବିଶ୍ୱାସ ବନାମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ବାୟୋଲୋଜି ଏବଂ ଅନ୍ୟମାନେ*, [2002] 5 SCC 111 ମାମଲାରେ ଏହି ନ୍ୟାୟାଳୟଙ୍କ ସାତ ଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ରାୟର ସନ୍ଦର୍ଭରେ କହିଥିଲେ ଯେ ଆଜ୍ଞାଦେଶ ପିଟିସନଟି ଅନୁରକ୍ଷଣୀୟ ଅଟେ । ଉକ୍ତ ରାୟ ଦ୍ୱାରା, *ସଭାଜିତ ତିୱାରୀ*

*ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, [1975] 1 SCC 485 ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ନିର୍ଣ୍ଣୟକୁ ଅଗ୍ରାହ୍ୟ କରାଯାଇଥିଲା । *ଅଜୟ ହାସିଆ ଏବଂ ଅନ୍ୟମାନେ ବନାମ ଖାଲିଦ ମୁଜୀବ ସେହରାୱାର୍ଦୀ ଏବଂ ଅନ୍ୟମାନେ*, [1981] 1 SCC 722 ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟକୁ ବ୍ୟାଖ୍ୟା କରାଯାଇଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ନିଗମ କିମ୍ବା ସଂସ୍ଥାକୁ ସମ୍ବିଧାନର ଅନୁଚ୍ଛେଦ 12 ଅନୁଯାୟୀ "ରାଜ୍ୟ"ର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରିବ କି ନାହିଁ ତାହା ସ୍ଥିର କରିବା ପାଇଁ ଏକାଧିକ ଯାଞ୍ଚ କରାଯାଇଥିଲା । *ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ* ଏହା ନିମ୍ନମତେ ନିର୍ଣ୍ଣୟ ହୋଇଥିଲା:

> "ଅନ୍ତତଃ ଯେଉଁ ଚିତ୍ର ସାମ୍ନାକୁ ଆସିଛି ତାହା ହେଉଛି *ଅଜୟ ହାସିଆଙ୍କ ମାମଲାରେ* (ଉପରୋକ୍ତ) ପ୍ରସ୍ତୁତ ହୋଇଥିବା ଯାଞ୍ଚଗୁଡ଼ିକ ଏକ କଠୋର ନୀତି ସମୂହ ନୁହେଁ, ସେଥିପାଇଁ ଯଦି ଏକ ସଂସ୍ଥା ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର ମଧ୍ୟରେ ବି ଆସୁଥାଏ, ତେବେ ଏହାକୁ, *ଅନୁମାନରୁ*, ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ ଏକ ରାଜ୍ୟ ବୋଲି ବିବେଚନା କରାଯିବା ଆବଶ୍ୟକ । ପ୍ରତ୍ୟେକ କ୍ଷେତ୍ରରେ ପ୍ରଶ୍ନ ଏହା ହେବ କି - *ସ୍ଥାପିତ ହୋଇଥିବା ସାମୂହିକ ତଥ୍ୟକୁ ବିଚାରକୁ ନେଇ, ସଂସ୍ଥାଟି ଆର୍ଥିକ, କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଭାବରେ ସରକାରଙ୍କ ପ୍ରଭୁତ୍ୱ କିମ୍ବା ନିୟନ୍ତ୍ରଣରେ ଅଛି କି ନାହିଁ । ଏଭଳି ନିୟନ୍ତ୍ରଣ ସମ୍ପୃକ୍ତ ସଂସ୍ଥା ପାଇଁ ନିର୍ଦ୍ଦିଷ୍ଟ ହେବା ଉଚିତ ଏବଂ ଏହା ବ୍ୟାପକ ହେବା ଉଚିତ* । ଯଦି ଏହା ଦେଖିବାକୁ ମିଳେ, ତେବେ ସଂସ୍ଥାଟି ଅନୁଚ୍ଛେଦ 12 ଅନୁଯାୟୀ ଏକ ରାଜ୍ୟ ଅଟେ । ଅନ୍ୟପକ୍ଷରେ, ଯେତେବେଳେ ଏହି ନିୟନ୍ତ୍ରଣ, ବିଧାନ ଅନୁଯାୟୀ ହେଉ କିମ୍ବା ଅନ୍ୟଥା, କେବଳ ନିୟାମକ ହୋଇଥାଏ, ଏହା ସଂସ୍ଥାକୁ ଏକ ରାଜ୍ୟରେ ପରିଣତ କରିବାରେ ସହାୟକ ହେବ ନାହିଁ" ।

ଏହା ଜଣାପଡୁଛି ଯେ ମୌଳିକ ତଥ୍ୟଗତ ଦିଗଗୁଡ଼ିକୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ପ୍ରଶ୍ନର ନିର୍ଦ୍ଧାରଣ କରିବାକୁ ରଖାଯାଇ ନଥିଲା ଯେ ଉତ୍ତରଦାତା-ସମିତି ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ "ରାଜ୍ୟ" ଥିଲା କି ନାହିଁ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଆମ୍ଭେ ଅନୁଭବ କରୁଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ଏହା ଉଚିତ ହେବ ଯେ ଏହା *ପ୍ରଦୀପ କୁମାରଙ୍କ ମାମଲାରେ* (ଉପରୋକ୍ତ) ଯାହା କୁହାଯାଇଛି ତାହାର ପୃଷ୍ଠଭୂମିରେ ଅନୁରକ୍ଷଣୀୟତା ସମ୍ବନ୍ଧୀୟ ପ୍ରଶ୍ନର ଯାଞ୍ଚ କରିବେ । ଏହି ପ୍ରସଙ୍ଗରେ ପକ୍ଷମାନଙ୍କୁ ନିଜ ନିଜ ଆଭିମୁଖ୍ୟର ସମର୍ଥନରେ ତଥ୍ୟ ରଖିବାକୁ

ଅନୁମତି ଦିଆଯିବ । ଯେହେତୁ ଏହି ମାମଲା 1995 ମସିହାରୁ ବିଚାରାଧୀନ ଅଛି ଏବଂ ଏଥିରେ ଆବେଦନକାରୀଙ୍କ ସେବା ସମାପ୍ତିର ବୈଧତା କିମ୍ବା ଅନ୍ୟଥାର ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି, ତେଣୁ ଯଦି ଆଜ୍ଞାଦେଶ ପିଟିସନର ଯଥାଶୀଘ୍ର କାର୍ଯ୍ୟକ୍ଷମ ଭାବରେ, ବିଶେଷ କରି ଆମର ଆଦେଶ ପ୍ରାପ୍ତ ହେବାର ଚାରି ମାସ ମଧ୍ୟରେ ଏହାର ଫଏସଲା କରାଯାଏ, ଏହା ପକ୍ଷମାନଙ୍କ ହିତସାଧନ କରିବ ।

ଚୂଡ଼ାନ୍ତ ପରିଣାମ ସ୍ୱରୂପ, ଦେୱାନୀ ଆଜ୍ଞାଦେଶ ପିଟିସନ ସଂଖ୍ୟା 1844/1995 କୁ ନଥିକୁ ପୁନଃସ୍ଥାପିତ କରାଯାଇଛି ।

ଆମ୍ଭେ ଏହା ସ୍ପଷ୍ଟ କରୁଛୁ ଯେ ମାମଲାର ଯୋଗ୍ୟତା ଉପରେ ଆମ୍ଭେ କୌଣସି ମତ ପ୍ରକାଶ କରିନାହୁଁ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ପିଟିସନର ଅନୁରକ୍ଷଣୀୟତା ତଥା ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ । ଯଦି ଏହା ନିର୍ଣ୍ଣୟ କରନ୍ତି ଯେ ଏହାର ଅଧିକାରିତା ରହିଛି, ତେବେ ଏହା ପକ୍ଷମାନଙ୍କ ଦ୍ୱାରା ନିଜ ନିଜ ଆଭିମୁଖ୍ୟ ସମ୍ବନ୍ଧରେ ରଖାଯିବାକୁ ଥିବା ତଥ୍ୟକୁ ଧ୍ୟାନରେ ରଖି ଯୋଗ୍ୟତା ବିଷୟରେ ବିଚାର କରିବେ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ତଦନୁସାରେ ଆବେଦନଟିର ଫଏସଲା କରାଯାଇଛି ।

ଆର୍. ପି. ଆବେଦନଟିର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।